# ଓଡ଼ିଶା ବିଧାନସଭା

## ପଞ୍ଚଦଶ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୯ ଫେବୃୟାରୀ ୨୦୨୪

----

: [ମହିଳା ଓ ଶିଶୁ ବିକାଶ - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସରକାରୀ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ - ଶକ୍ତି - ଶିଳ୍ପ ମିଶନ ଶକ୍ତି ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ବନ୍ଦ ହୋଇଥିବା ଭାରି ଶିଳ୍ପ ପୁନଃ ପ୍ରଚଳନ

*୨୧ **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଢେଙ୍କାନାଳ ଜିଲ୍ଲାରେ ବନ୍ଦ ହୋଇ ପଡ଼ିଥିବା ଭାରିଶିଳ୍ପ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

### ଭତ୍ତା ବଢାଇବା ପାଇଁ ପଦକ୍ଷେପ

*୨୨ **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ରାଜ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଲୋକ ମାନଙ୍କର ଦାବୀ ଅନୁଯାୟୀ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଢାଇବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଯଦି 'ହଁ' ତେବେ ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

### ବୟନିକା, ଅମ୍ଳାନ ବସ୍ତ୍ରାଳୟ ପକ୍ଷରୁ ବସ୍ତ୍ର ବିକ୍ରୟ

***୨୩ ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବୟନିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ବିଗତ ତିନି ବର୍ଷରେ କେତେ ମୂଲ୍ୟର ବସ୍ତ୍ର ବିକ୍ରୟ କରାଯାଇଛି, ଏହାର ବିକ୍ରୟ ବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି ?

----

## ବିଦ୍ୟୁତ କାଟ ସମସ୍ୟାର ସମାଧାନ

***୨୪ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଉମରକୋଟ ନିର୍ବାଚନ ମଣ୍ଡଳୀର ରାଇଘର ବ୍ଲକରେ ବାରମ୍ବାର ବିଦ୍ୟୁତ କାଟ ସହ ଲୋ ଭୋଲଟେଜ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି ; ଏ ସମସ୍ୟାର ସମାଧାନ ଶୀଘ୍ର ନ ହେବା କାରଣରୁ ଉପଭୋକ୍ତା ମାନେ ଅନେକ କ୍ଷତିର ଶିକାର ହେଉଛନ୍ତି ; ସରକାର କେବେ ସୁଦ୍ଧା ଏହାର ସମାଧାନ କରିବେ କହିବେ କି?

----

## ଅନୁଦାନ ପ୍ରଦାନ

***୨୫ ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କଟକ ଜିଲ୍ଲାରେ କେଉଁ ସ୍ଥାନରେ ସ୍ଥାପିତ କାହାଦ୍ୱାରା ପରିଚାଳିତ କେଉଁ ଅନାଥ ଆଶ୍ରମରେ କେତେ ଅନ୍ତେବାସୀ ରହୁଛନ୍ତି, ଏହି ଅନୁଷ୍ଠାନକୁ ବିଗତ ତିନି ବର୍ଷରେ ସରକାର କେତେ ଅନୁଦାନ ପ୍ରଦାନ କରିଛନ୍ତି ?

----

## KFT କୁ ଗତିଶୀଳ କରିବା ପାଇଁ ପଦକ୍ଷେପ

***୨୬ ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇ ବିଶ୍ୱରେ ଏକମାତ୍ର ଅନୁଷ୍ଠାନ ଯିଏକି ବିଜ୍ଞାନକୁ ସାଧାରଣ ଲୋକଙ୍କ ଭିତରେ ପ୍ରଚାର ପ୍ରସାର କରିବା ପାଇଁ UNESCO Kalinga Prize ଦୀର୍ଘ 50 ବର୍ଷ ହେଲା ପ୍ରଦାନ କରି ଆସୁଛି ଓ ତତ୍ ସହିତ ଜଣେ ଓଡିଆ ବୈଜ୍ଞାନିକଙ୍କୁ କଳିଙ୍ଗ ସମ୍ମାନ ପ୍ରଦାନ କରୁଛି ; ଗରୀବ, ମେଧାବୀ ପିଲାଙ୍କୁ/ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା, ଶିକ୍ଷାଦାନ ପାଇଁ ଆର୍ଥିକ ସହାୟତା ଦେଉଛି ; KFT କୁ ଗତିଶୀଳ କରିବା ପାଇଁ ସରକାର ବିଶେଷ ପଦକ୍ଷେପ ନେବେ କି ; ଗଣଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ ବିଜ୍ଞାନ ମେଳାରେ KFT କୁ ସାମିଲ କରାଯିବ କି?

----

## ଭଦ୍ରକ ଜିଲ୍ଲାରେ MSME Park ପ୍ରତିଷ୍ଠା

*97 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ଭଦ୍ରକ ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଅଧିକ ମହିଳାଙ୍କୁ ସାମିଲ ପାଇଁ ପଦକ୍ଷେପ

*98 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କେତେ ଜଣ ମହିଳା ସଭ୍ୟଭୁକ୍ତ ହୋଇଛନ୍ତି ପ୍ରକାଶ କରି ଅଧିକ ମହିଳାଙ୍କୁ ଏଥିରେ ସାମିଲ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମୟୂରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା

*99 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେତୋଟି କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା କରାଯାଇଛି ଏବଂ ଏଥିରେ କେତେଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି ଏହି ଜିଲ୍ଲାରେ ଆଗାମୀ ଦିନରେ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା କରାଯିବ ଏବଂ ଏଥିରେ କେତେଜଣଙ୍କୁ ନିଯୁକ୍ତି ଦିଆଯିବ ଜଣାଇବେ କି ?

----

## ସାମାଜିକ ସୁରକ୍ଷା ଯୋଜନା ଦ୍ୱାରା ଉପକୃତ ହିତାଧିକାରୀ

*100 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଓଡିଶାରେ କେତେ ସଂଖ୍ୟକ ହିତାଧିକାରୀ ଉପକୃତ ହେଉଛନ୍ତି ଏଥିରୁ କେଉଁଗୁଡିକ କେନ୍ଦ୍ରୀୟ ଯୋଜନା ଓ କେଉଁଗୁଡିକ ରାଜ୍ୟ ଯୋଜନା, ଏଥିରୁ କେଉଁ ଯୋଜନାରେ ହିତାଧିକାରୀଙ୍କୁ ମୁଣ୍ଡ ପିଛା କେତେ ମାସିକ ସହାୟତା ଯୋଗାଇ ଦିଆଯାଇଛି, ଏବାବଦରେ ଗତ ପାଞ୍ଚ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡିଶାକୁ କେତେ ଅର୍ଥ ଯୋଗାଇଛନ୍ତି ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କେତେ ଅର୍ଥ ବ୍ୟବସ୍ଥା କରିଛନ୍ତି, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ପାଇଁ ବର୍ତ୍ତମାନସୁଦ୍ଧା କେଉଁ ଜିଲ୍ଲାରୁ କେତେ ଲୋକ ଆବେଦନ କରି ଅପେକ୍ଷାରେ ଅଛନ୍ତି?

----

## ହସ୍ତତନ୍ତ ଓ ବୁଣାକାରମାନଙ୍କ ବିକାଶ

***101 ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଅନୁଗୋଳ ଜିଲ୍ଲାରେ ବୟନଶିଳ୍ପର ବିକାଶ ସହ ହସ୍ତତନ୍ତ ବୁଣାକାରମାନଙ୍କ ସର୍ବାଙ୍ଗୀନ ପ୍ରଗତି ନିମିତ୍ତ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଗ୍ରାମକୁ ବିଜୁଳି ପ୍ରଦାନ

***102 ଶ୍ରୀ ରଘୁନାଥ ଗମାଙ୍ଗ (ଗୁଣୁପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାୟଗଡା ଜିଲ୍ଲାରେ ଆଜି ସୁଧା କେତୋଟି ଗ୍ରାମରେ ବିଜୁଳି ଆଲୁଅର ବ୍ୟବସ୍ଥା ପହଞ୍ଚି ପାରିନାହିଁ ତାର ବ୍ଲକୱାରୀ ତଥ୍ୟ ଦେବେ କି, ଚନ୍ଦ୍ରପୁର ବ୍ଲକର ବିଜାପୁର ଗ୍ରାମପଞ୍ଚାୟତ ସିର୍କାପାଙ୍ଗୁ, ବାଦେରପଙ୍କ ଗ୍ରାମରେ ଆଜି ସୁଧା ବିଜୁଳି ପହଞ୍ଚି ପାରିନାହିଁ, ଏହି ଭଳି ଅନେକ ଗୁଡିଏ ଗାଁ ଅଛି ଯେଉଁଠି ବିଜୁଳି ଆଲୁଅ ତାଙ୍କ ପାଇଁ ସ୍ୱପ୍ନ ହୋଇ ରହିଅଛି ତେଣୁ ସରକାର ସେହି ଗ୍ରାମ ଗୁଡିକରେ ବିଜୁଳି କିଭଳି ଭାବରେ ପହଞ୍ଚିବ ତାହାର ବ୍ୟବସ୍ଥା କରିବେ କି ?

----

## ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଥିବା Anganwadi Centre

***103 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କେତୋଟି ମଞ୍ଜୁରୀ ପ୍ରାପ୍ତ Anganwadi Centre ଅଛି ଓ ଏହି Anganwadi Centre ସାହାଯ୍ୟରେ କେତେଜଣ ମହିଳା ଓ ଶିଶୁ ଉପକୃତ ହେଉଛନ୍ତି, ବ୍ଲକୱାରୀ / ଗ୍ରାମପଞ୍ଚାୟତ ୱାରୀ ଓ Anganwadi Centre ୱାରୀ ତଥ୍ୟ ଦେଇ Anganwadi Centre ର ଭିତ୍ତିଭୂମିର present status ଉପରେ Anganwadi Centre ୱାରୀ ତଥ୍ୟ ଉପସ୍ଥାପନ କରି ଦୁର୍ବଳ ଭିତ୍ତିଭୂମି ଥିବା ତଥା ଆଦୌ ଭିତ୍ତିଭୂମି ନ ଥିବା Anganwadi Centre ର ତାଲିକା ଦେଇ ଏହି ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ସ୍ପଷ୍ଟୀକରଣ ଦେବେ କି?

----

## କେନ୍ଦ୍ରାପଡା ଠାରେ Science Park ପ୍ରତିଷ୍ଠା

***104 ଶ୍ରୀ ଶଶିଭୂଷଣ ବେହେରା (କେନ୍ଦ୍ରାପଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କେନ୍ଦ୍ରାପଡା ଜିଲ୍ଲାରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ଏକ Science Park ପ୍ରତିଷ୍ଠା କରାଇବାରେ ସରକାରଙ୍କ ନିଷ୍ପତ୍ତି ହୋଇଛି କି, ଏବଂ ଏଥିପାଇଁ ସ୍ଥାନ ଜମି ନିର୍ଦ୍ଧାରଣ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତାବ ରଖିଥିବାର ସରକାରଙ୍କ ପାଖରେ ଖବର ଅଛି କି, ଯଦି ଉତ୍ତର 'ହଁ' ଏହା କେବେଠାରୁ ଆରମ୍ଭ ହେବ ?

----

## ଡ଼ାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା

*105 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଅନୁଗୋଳ ଜିଲ୍ଲାରେ କେଉଁ ବୃହତ୍ତ ଶିଳ୍ପକୁ ଆଧାର କରି କେତେଗୋଟି ଡାଉନ୍ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ବିସ୍ଥାପିତ ପରିବାରଙ୍କୁ ଶିଳ୍ପ ସଂସ୍ଥାରେ ନିଯୁକ୍ତି

*106 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ଶିଳ୍ପାୟନ ନିମନ୍ତେ ଜମି ଅଧିଗ୍ରହଣ ଯୋଗୁଁ 2015 ରୁ ଏପର୍ଯ୍ୟନ୍ତ ବିସ୍ଥାପିତ ପରିବାରଙ୍କ ଥଇଥାନ ଓ କ୍ଷତିପୂରଣ ବାବଦରେ ଶିଳ୍ପ ସଂସ୍ଥା ଗୁଡିକ କେତେ ଖର୍ଚ୍ଚ କରିଛନ୍ତି, ବିସ୍ଥାପିତ ପରିବାରରୁ କେତେ ଜଣ ସମ୍ପୃକ୍ତ ଶିଳ୍ପ ସଂସ୍ଥାରେ ନିୟମିତ କିମ୍ବା ଅସ୍ଥାୟୀ ନିଯୁକ୍ତି ପାଇଛନ୍ତି, ଶିଳ୍ପୱାରୀ ସୂଚନା ଦେବେ କି ?

----

## ସାମାଜିକ ସୁରକ୍ଷା ଯୋଜନା ଦ୍ୱାରା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ

*107 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦୨୦-୨୧ ରୁ ୨୦୨୨-୨୩ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ତାର ଏକ ବର୍ଷୱାରୀ ବିବରଣୀ ପ୍ରଦାନ କରିବା ସହ ଏହି ଯୋଜନାରେ ରାଜ୍ୟରେ କେଉଁ ଜିଲ୍ଲାରେ ମୋଟ କେତେ ପରିବାର ଉପକୃତ ହେଉଛନ୍ତି ; ୨୦ ୨୦-୨୧ ରୁ ୨୦୨୨-୨୩ ବର୍ଷ ମଧ୍ୟରେ କେଉଁ ବର୍ଷ କେଉଁ ଜିଲ୍ଲାର କେତେ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିଥିଲେ , ଏବଂ କେଉଁ ଜିଲ୍ଲାର କେତେ ହିତାଧିକାରୀଙ୍କୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଅର୍ଥ ପ୍ରଦାନ କରାଯାଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି?

----

## ପଞ୍ଜିକୃତ ହୋଇଥିବା ତନ୍ତବାୟ ସହଯୋଗ ସମିତି

*୧୦୮ **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ରଣପୁର ନିର୍ବାଚନ ମଣ୍ଡଳୀରେ କେତେଗୋଟି ପ୍ରାଥମିକ ତନ୍ତବାୟ ସହଯୋଗ ସମିତି ପଞ୍ଜିକୃତ ହୋଇଛି, ସେଥିରୁ କେତେଜଣ ବୁଣାକାର ଅଛନ୍ତି, ବିଗତ ୩ ବର୍ଷ ମଧ୍ୟରେ ଏହି ସଂସ୍ଥା ଗୁଡିକୁ କେତେ କେତେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି ସମିତିୱାରୀ ତାହାର ଏହ ତାଲିକା ପ୍ରଦାନ କରିବେ କି ?

----

## Hydro Power Project ନିର୍ମାଣ ସମ୍ପର୍କରେ

*୧୦୯ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

କୋରାପୁଟ ଜିଲ୍ଲା କୋଟିଆ ଗ୍ରାମ ପଞ୍ଚାୟତରେ ଆନ୍ଧ୍ର ସରକାର ଏକ Hydro Power Project ନିର୍ମାଣ କରୁଛନ୍ତି କି, ଓଡ଼ିଶା ଭିତରେ ଆନ୍ଧ୍ର ସରକାର କେଉଁ କମ୍ପାନୀକୁ Tender ଦେଇଛନ୍ତି, ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସହମତି ପ୍ରକାଶ କରିଛନ୍ତି କି, ଏଥି ନିମନ୍ତେ ଓଡ଼ିଶାର କେତେ ପରିମାଣ ଜମି ଆନ୍ଧ୍ରକୁ ଦିଆଯାଇଛି, କେଉଁ ସରକାରୀ ଅଧିକାରୀ ଉକ୍ତ ପ୍ରକଳ୍ପର ସମୀକ୍ଷା କରିଥିଲେ, କୋଟିଆ ଗ୍ରାମପୁଞ୍ଜି ବିବାଦୀୟ ସତ୍ତ୍ୱେ କିଭଳି ଓ କେଉଁ ପରିସ୍ଥିତିରେ ଆନ୍ଧ୍ର ସରକାରଙ୍କୁ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ଦିଆଯାଇଛି ?

----

## ଅଣୁ , କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

*110 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ ଅଣୁ ଓ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶିଳ୍ପାଞ୍ଚଳ ପାଇଁ ଜାଗା ଯୋଗାଣ

*111 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ରାଜ୍ୟରେ କେଉଁ ଶିଳ୍ପାଞ୍ଚଳ ପାଇଁ କେତେ ଆବେଦନକାରୀ ଅଛନ୍ତି, ସେମାନଙ୍କୁ ଆବଶ୍ୟକତା ଜାଗା ପ୍ରଦାନ ପାଇଁ ଅହେତୁକ ବିଳମ୍ବର କାରଣ କ'ଣ, କେବେସୁଦ୍ଧା ଆବେଦନକାରୀମାନେ ଜାଗା ପାଇବେ, କେଉଁ ଶିଳ୍ପାଞ୍ଚଳରେ ଶିଳ୍ପ ପାଇଁ ଜାଗା ନେଇ ଶିଳ୍ପ ପ୍ରତିଷ୍ଠା ନକରି ଜାଗା ଖାଲି ପକାଇଛନ୍ତି, ସେମାନଙ୍କ ଉପରେ ବିଭାଗ ତରଫରୁ କ'ଣ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ଉପରେ ସରକାର କ'ଣ ପ୍ରାଧାନ୍ୟ ଦେଇଛନ୍ତି, ସମସ୍ତ ବିଷୟରେ ବିବୃତି ରଖିବେ କି ?

----

## ଭତ୍ତା ବୃଦ୍ଧି ପାଇଁ ପଦକ୍ଷେପ

*112 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟ ସରକାର ବିଭିନ୍ନ Social Security ଯୋଜନାରେ ହିତାଧିକାରୀ (Beneficiary) ମାନଙ୍କୁ ୫୦୦ ଏବଂ ୭୦୦ ଟଙ୍କା ଦେଉଥିବା କଥା ସତ କି ;(ଖ) ଏହି ୫୦୦ ଏବଂ ୭୦୦ ପେନସନ୍ କୁ ବଢାଇ ୨୦୦୦ ଏବଂ ୨୫୦୦ ଟଙ୍କା କରିବେ କି ; କେଉଁ ସମୟ ସୀମା ଭିତରେ ରାଜ୍ୟ ସରକାର ଏହି ପେନସନ୍ ଟଙ୍କା ବଢାଇବେ ?

----

## ସରକାରୀ ଓ ବେସରକାରୀ ସଂସ୍ଥାଦ୍ୱାରା ଉପଭୋକ୍ତାଙ୍କ ଠାରୁ ବିଦ୍ୟୁତ ବିଲ ଆଦାୟ

*113 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

୨୦୨୧-୨୨ ବର୍ଷରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ବାର୍ଷିକ ରିପୋର୍ଟର ତଥ୍ୟ ଅନୁସାରେ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟୁତ୍ ଆବଣ୍ଟନ ସଂସ୍ଥା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୫ ଟଙ୍କା ୧୯ ପଇସା ହାରରେ ବିଦ୍ୟୁତ୍ ଯୋଗାଉଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଚାରିତ ବିଦ୍ୟୁତ୍ ବଳକା ରାଜ୍ୟ ଭାବେ ଓଡିଶାର ଏକ କୋଟି ବିଦ୍ୟୁତ୍ ଉପଭୋକ୍ତା ୟୁନିଟ୍ ପିଛା ବିଦ୍ୟୁତ୍ ମୂଲ୍ୟ ୫ ଟଙ୍କା ୯୮ ପଇସା ହାରରେ ବିଦ୍ୟୁତ୍ ଯୋଗାଇ ଦେବାର କାରଣ କ'ଣ ; ଓଡିଶାର ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ଗୁଡିକ ୟୁନିଟ୍ ପିଛା ୬ ଟଙ୍କା ୩୫ ପଇସା ହାରରେ ରାଜସ୍ୱ ପାଉଥିବା ବେଳେ ଦେଶର ବିଭିନ୍ନ ଆବଣ୍ଟନ କମ୍ପାନୀ ଗୁଡିକ ୟୁନିଟ୍ ପିଛା ୭ ଟଙ୍କା ୨୭ ପଇସା ହାରରେ ରାଜସ୍ୱ ପାଉଥିବା ସତ୍ୟ କି ; ଯଦି ହଁ ତେବେ କେଉଁ କାରଣରୁ ଜାତୀୟ ହାର ତୁଳନାରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ୟୁନିଟ୍ ପିଛା ଅତିରିକ୍ତ ୭୯ ପଇସା ଅଧିକ ବିଦ୍ୟୁତ୍ ବିଲ୍ ପଇଠ କରୁଛନ୍ତି ତାହା ପ୍ରକାଶ କରିବେ କି ?

----

## ରାଜ୍ୟରେ ଥିବା Agro based ଶିଳ୍ପ ଅନୁଷ୍ଠାନ

*114 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି Agro based ଶିଳ୍ପ ଅନୁଷ୍ଠାନ ହୋଇଅଛି ଜିଲ୍ଲାୱାରୀ ତାଲିକା ଦେବେ କି ; ଆସନ୍ତା 5 ବର୍ଷରେ ଏ ଦିଗରେ କେଉଁ କେଉଁ କୃଷି ଭିତ୍ତିକ ଶିଳ୍ପାନୁଷ୍ଠାନ ରାଜ୍ୟର ସବୁ ଜିଲ୍ଲାରେ ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା ସହିତ ଏଥିପାଇଁ କେତେ ପରିମାଣର subsidy ଓ Energy Sector ରେ ପ୍ରଥମ 5 ବର୍ଷ ପାଇଁ ସମ୍ପୂର୍ଣ୍ଣ ଛାଡ ବ୍ୟବସ୍ଥା ରଖାଯାଇଅଛି କି?

----

## ଭିନ୍ନକ୍ଷମମାନଙ୍କର ଆର୍ଥିକ ପ୍ରଗତି

***115 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଭିନ୍ନକ୍ଷମ ଓ ବିଧବା ସଂଖ୍ୟା କେଉଁ ଜିଲ୍ଲାରେ କେତେ, ସେମାନଙ୍କ ମଧ୍ୟରୁ 2019 2020 ରୁ 2022 2023 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଭିନ୍ନକ୍ଷମଙ୍କ କେଉଁ କେଉଁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ତାଲିମ ସହିତ ସେମାନଙ୍କ ଜୀବିକା ନିର୍ବାହ ପାଇଁ କେତେ ଆର୍ଥିକ ସହାୟତା କେଉଁ ଯୋଜନାରେ ପ୍ରଦାନ କରାଯାଇଥିଲା, ସେଥିମଧ୍ୟରୁ କେଉଁ ଜିଲ୍ଲାର କେତେ ସଂଖ୍ୟକ ଭିନ୍ନକ୍ଷମମାନଙ୍କର ଆର୍ଥିକ ଅଗ୍ରଗତି ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେକି?

----

## ପୁରୁଣା Cable ଏବଂ Pole କୁ ନିଲାମ କରିବା

***116 ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଖୋର୍ଦ୍ଧା ଜିଲ୍ଲା ଅଧିନରେ TPCODL ତତ୍ତ୍ୱାବଧାନରେ ନୂତନ Cable Line କାମ ହେବା ଫଳରେ ପୁରୁଣା Cable ଏବଂ Pole ଗୁଡିକୁ ତୁରନ୍ତ ନିଲାମ ମାଧ୍ୟମରେ ପ୍ରାପ୍ତ ଅର୍ଥ ରାଶିକୁ OSEB/ Energy Department ରେ ପୈଠ କରିବାକୁ ଆଦେଶ ପ୍ରଦାନ କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ହୋଇଥିବା MOU

***117 ଶ୍ରୀ ରାଜକିଶୋର ଦାସ (ମୋରଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ମୟୂରଭଞ୍ଜ ଜିଲ୍ଲାରେ କେଉଁ କେଉଁ Company ମାନଙ୍କ ସହ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର MOU Sign କରିଛନ୍ତି ଏବଂ କେଉଁ କେଉଁ Company ପାଇଁ କେତେ ଜମି ଅଧିକରଣ ସରିଛି, କେବେସୁଦ୍ଧା ଏହି Company ମାନେ Production ଆରମ୍ଭ କରିବାର ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି, କେଉଁ କେଉଁ Company ଦ୍ୱାରା କେତେ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ?

----

## ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା

***118 ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନିଜସ୍ୱ ଗୃହ ନଥିବା ଅଙ୍ଗନବାଡି କେନ୍ଦ୍ର

*119 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାୟଗଡା ଜିଲ୍ଲାରେ କେତୋଟି ଅଙ୍ଗନବାଡି କେନ୍ଦ୍ର ଅଛି, ସେଥିମଧ୍ୟରୁ କେଉଁ କେଉଁ କେନ୍ଦ୍ରର ନିଜସ୍ୱ ଗୃହ ଅଛି, କେଉଁ କେଉଁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ନିଜସ୍ୱ ଗୃହ ନଥିବା ଅଙ୍ଗନବାଡି କେନ୍ଦ୍ରର କେବେସୁଦ୍ଧା ନିଜସ୍ୱ ଗୃହ ହେବ ?

----

## କୁଷ୍ଠରୋଗୀଙ୍କ ରହଣୀ ପାଇଁ କଲୋନୀ ନିର୍ମାଣ

*120 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର କେଉଁ ଜିଲ୍ଲାରେ କେତେ କୁଷ୍ଠ ରୋଗୀ ଥିଲାବେଳେ ତନ୍ମଧ୍ୟରୁ କେତେଗୋଟି କଲୋନୀରେ କେତେଜଣଙ୍କୁ ରହିବାର ସୁଯୋଗ ଦିଆଯାଇଛି, ସମସ୍ତ କୁଷ୍ଠରୋଗୀ ମାନଙ୍କ ରହଣୀ ପାଇଁ କୁଷ୍ଠ କଲୋନୀ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----